# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 October – 2025

---

## ଉପନିର୍ବାଚନ - ନାମାଙ୍କନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ୧୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଗତକାଲି ପ୍ରାର୍ଥିପତ୍ର ଦାଖଲର ଶେଷଦିନ ଥିଲା । ବି.ଜେ.ପି.ରୁ ଜୟ ଢୋଲକିଆ, ବିଜେଡ଼ିରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସମାଜବାଦୀ ପାର୍ଟି, ବହୁଜନ ମୁକ୍ତି ପାର୍ଟି, ବହୁଜନ ସମାଜ ପାର୍ଟି, ଓଡ଼ିଶା ଜନତା ଦଳ ଓ ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ପ୍ରାର୍ଥୀମାନେ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ଉପନିର୍ବାଚନ ପାଇଁ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାନଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି । ଆସନ୍ତାକାଲି ପ୍ରାର୍ଥିପତ୍ର ଯାଞ୍ଚ କରାଯିବା ସହ ଚଳିତମାସ ୨୪ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ଆସନ୍ତାମାସ ୧୧ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୧୪ ତାରିଖରେ ଭୋଟ ଗଣତ ସହ ଫଳାଫଳ ପ୍ରକାଶ ପାଇବ ।

---

## ନୂଆପଡ଼ା- ଉପନିର୍ବାଚନ ଡାଟା

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ଜଣ ପୁରୁଷ ଓ ୧ ଲକ୍ଷ ୨୬ ହଜାର ୧୩୨ ଜଣ ମହିଳା ଭୋଟର ଅଛନ୍ତି । ୨୧ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ଏହି ଭୋଟରଙ୍କ ମଧ୍ୟରେ ୪ ହଜାର ଦିବ୍ୟାଙ୍ଗ

ଭୋଟର ଥିବା ବେଳେ ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ୨ ହଜାର ୭ ଜଣ ଭୋଟର ରହିଛନ୍ତି ।

ସୂଚନା ଅନୁଯାୟୀ ନୂଆପଡ଼ାରେ ୩୫୮ଟି ମତଦାନ କେନ୍ଦ୍ରରେ ନଭେମ୍ବର ୧୧ ତାରିଖ ଦିନ ଭୋଟ୍ ଗ୍ରହଣ ହେବ । ଯେଉଁ ବୁଥ୍‌ରେ ୧୨ଶହରୁ ଅଧିକ ଭୋଟର ଅଛନ୍ତି, ସେଠାରେ ୫୬ଟି ନୂଆ ଅତିରିକ୍ତ ବୁଥ୍ କରାଯାଇଛି ।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ମାଓ ପ୍ରଭାବିତ ଅଞ୍ଚଳରେଥିବା ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ପାଇଁ ସମୟ ନିର୍ଘଣ୍ଟ କରାଯାଇଥିବା ବେଳେ ଅନ୍ୟ ସବୁ ବୁଥ୍‌ରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ।

## ସ୍ୱତନ୍ତ୍ର ଟ୍ରେନ୍

ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି । ଭିଡ଼ ପରିଚାଳନା ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୭୬ ହଜାରରୁ ଅଧିକ ଯାତ୍ରୀ ପରିବହନ କରାଯାଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି । ଚଳିତମାସ ଆରମ୍ଭରୁ ୩୬୭ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଥିବା ବେଳେ ଭିଡ଼ ପରିଚାଳନା ପାଇଁ ଅଧିକ ବିଶ୍ରାମ ଅଞ୍ଚଳ, ଅତିରିକ୍ତ ଟିକେଟ୍ କାଉଣ୍ଟର ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ମହିଳା,

ବୟସ୍କ ଓ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଥିବା ପୂର୍ବତଟ ରେଳବାଇର ଜଣେ ଅଧିକାରୀ କହିଛନ୍ତି:

**V/O**

---

# ପୁଲିସ୍ ସହିଦ ଦିବସ

ମାତୃଭୂମିର ସେବା ଏବଂ ପ୍ରାଣବଳୀ ଦେଇଥିବା ବୀର ପୁଲିସ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଆଜିର ଦିନକୁ ପୁଲିସ ସହିଦ ଦିବସ ଭାବେ ପାଳନ କରାଯାଉଛି । ଶାନ୍ତିଶୃଙ୍ଖଳା, ମାଓ ଦମନ ଏବଂ ଲୋକମାନଙ୍କ ସୁରକ୍ଷା ଦେଉଥିବା ସମୟରେ ପୁଲିସ୍ କର୍ମଚାରୀମାନଙ୍କ ବଳିଦାନ ମନେ ରଖିବାପାଇଁ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ ସହିଦମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଥିବା ସମ୍ବାଦ ଆମର ହସ୍ତଗତ ହେଉଛି ।

କଟକସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ୬୬ତମ ପୁଲିସ୍ ସହିଦ ସ୍ମୃତି ଦିବସ ପାଳିତ ହେବ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ରହି ଅମର ସହିଦ ଯବାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

---

# ମୁଖ୍ୟମନ୍ତ୍ରୀ-ଦୀପାବଳି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମମାଟି କେନ୍ଦୁଝର ଜିଲ୍ଲା ରାଇକଳା ଗ୍ରାମରେ ଗ୍ରାମବାସୀଙ୍କ ସହ ଦୀପାବଳି ପର୍ବ ପାଳନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଇକଳାର ମହାନ ସଂସ୍କୃତି, ପରମ୍ପରା ଓ ଆତ୍ମୀୟତା ଶକ୍ତି ଓ ପ୍ରେରଣା ଯୋଗାଇଥାଏ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଦଳ ବଜାଇ ଏହି ପର୍ବ ପାଳନ କରିଥିଲେ । ଓଡ଼ିଶାର ଜନଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ ବୋଲି କାମନା କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂତନ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ।

## କାଳୀପୂଜା

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ଆଜି ଦ୍ୱିତୀୟ ଦିନରେ ମା' ଭଦ୍ରକାଳୀ, ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି । ଆରଡିର ପୁରାତନ ଶ୍ୟାମାକାଳୀଙ୍କ ପୂଜା ଅବସରରେ ଗତ ରାତିରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ମହାଦୀପ ଉଠିଥିଲା। ସେହିପରି ଜିଲ୍ଲାର ପ୍ରମୁଖ ଶକ୍ତିପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଛି ।

## ଜେ.ଇ.ଇ. ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ୨୦୨୬ ଯୁଗ୍ମ ପ୍ରବେଶିକା ପରୀକ୍ଷା କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆସନ୍ତାବର୍ଷ ଜାନୁୟାରୀ ମାସ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ଅଧିବେଶନ ଓ ଏପ୍ରିଲ୍ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଅଧିବେଶନ ପରୀକ୍ଷା ଅନୁଷ୍ଠିତ ହେବ । ଜାନୁୟାରୀ ମାସରେ ହେବାକୁ ଥିବା ପରୀକ୍ଷା ପାଇଁ ଚଳିତ ମାସରେ ପଞ୍ଜୀକରଣ କରିବାକୁ ପଡ଼ିବ । ଆଶାୟୀ ଛାତ୍ରଛାତ୍ରୀମାନେ jeemain.nta.nic.in ୱେବ୍‌ସାଇଟ ମାଧ୍ୟମରେ ପଞ୍ଜୀକରଣ

କରିପାରିବେ । ଦ୍ୱିତୀୟ ଅଧିବେଶନ ପରୀକ୍ଷା ପାଇଁ ଆସନ୍ତା ଜାନୁୟାରୀ ମାସ ଶେଷ ସପ୍ତାହରେ ପଞ୍ଜୀକରଣ ଆରମ୍ଭ ହେବ ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଧିକ ଘନୀଭୂତ ହୋଇ ଏହା ଆସନ୍ତା ୨୩ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।